# Akashvani, Sambalpur

# SAMBALPURI NEWS BULLETIN

## 19 April 2025- 6.47- 6.52 am.

*********************************************

ପି.କେ ମିଶ୍ରଙ୍କ ସମ୍ବଲପୁର ଗସ୍ତ ଆରଏନ୍‌ୟୁ/ ସମ୍ବଲପୁର

ଆଇଆଇଏମ୍ ସମ୍ବଲପୁରର ୯ ନମ୍ବର ସମାବର୍ତ୍ତ ଉଚ୍ଛବ ଆଏଜ୍ ପାଳନ ହେବା । କାର୍ଯ୍ୟକ୍ରମ ଥି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କରି ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରବେ । ଆଇଆଇଏମ୍ ସମ୍ବଲପୁର କର୍ତ୍ତୃପକ୍ଷଙ୍କର ସୁଚନା ଅନୁସାରେ, ଉଚ୍ଛବ ଥି ଯୋଗ ଦେବାର୍ ଲାଗି ଶ୍ରୀ ମିଶ୍ର ଗଲା କାଏଲ୍ ଠାନୁ ସମ୍ବଲପୁର ପୁହୁଁଚିଛନ୍ । ସଞ୍ଜବେଲେ ଝାରସୁଗୁଡ଼ା ବିମାନ୍ ବନ୍ଦରକେ ପୁହୁଁଚିଲା ଉତ୍ତୁରୁ ସମ୍ବଲପୁର ଆସିକରି ମାଁ ସମଲେଇଙ୍କର ଦର୍ଶନ୍ କରିଛନ ।

ରାଜ୍ୟସ୍ତରୀୟ ପୋଷଣ ପକ୍ଷ ପାଳନ

I&PR

ଭୁବନେଶ୍ୱର ଠାନେ ଥିବା ରାଜ୍ୟ ମହିଳା ଆଉ ଶିଶୁ ପ୍ରତିଷ୍ଠାନନ ଆଏଜ୍ ରାଜ୍ୟସ୍ତରୀୟ ପୋଷଣ ପକ୍ଷ -୨୦୨୫ ସମାରୋହ ପାଲନ୍ କରାଯିବା । ମହିଲା ଶିଶୁ ବିକାଶ ବିଭାଗର ସୂଚନା ଅନୁସାରେ, କାର୍ଯ୍ୟକ୍ରମ ଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଗୁଟେ ପ୍ରଶିକ୍ଷାର୍ଥୀ ନିବାସ, ଗୁଟେ ତାଲିମ କେନ୍ଦ୍ର ଆଉ ଗୁଟେ ପାଠାଗାରର୍ ଉଦ୍‌ଘାଟନ କର୍‌ବେ । କାର୍ଯ୍ୟକ୍ରମଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିଲ୍ ଉପସ୍ଥିତ ରହେବେ । ଜନମ୍ ଛୁଆର ପହେଲା ହଜାରେ ଦିନ୍ ଭିତ୍‌ରେ ଜତନ, ସେମାନଙ୍କର ସୁସ୍ଥ ଜୀବନ ଶୈଳୀ ଆଉ କୁପୋଷଣ ଦୂର୍‌କରବାର ଟା ଇ କାର୍ଯ୍ୟକ୍ରମ ପାଳନର ମୁଖ୍ୟ ଲକ୍ଷ ଆଏ । ଇ ଅବସରେ ପୋଷଣ ଥିବା ଖାଦ୍ୟ ପ୍ରଦର୍ଶନୀ ଆଉ ଅଦରକାରୀ ଦରବ୍‌ନୁ ତିଆର୍ ହୋଇଥିବା ଖେଲନା ପ୍ରଦର୍ଶନୀ କାର୍ଯ୍ୟକ୍ରମ ଭିଲ୍ ହେବା ।

ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପରଦିନ ୨୧ ତାରିଖ ସମ୍ବଲପୁର୍ ନ ଜନ ଅଭିଯୋଗ୍ ଶୁଣାଣି କର୍‌ବେ । ଦୁର୍ଗାପାଲି ଠାନେ ଥିବା ସମ୍ବଲପୁର୍ ମହାନଗର୍ ନିଗମ୍ କାର୍ଯ୍ୟାଳୟ ଠାନେ ଜନଶୁଣାଣି ହେବା । ଇଥିର୍ ପଞ୍ଜିକରଣ୍ ପ୍ରକ୍ରିୟା ଚାଲୁ ରହିଛେ । ପଞ୍ଜିକୃତ ଆବେଦନ୍‌କାରୀମାନେ ସେମାନ୍‌କର୍ ପଞ୍ଜିକରଣ ପ୍ରାପ୍ତି ପତ୍ର ଆଉ ବ୍ୟକ୍ତିଗତ ପରିଚୟ ପତ୍ର ସଙ୍ଗେ ଅଭିଯୋଗ୍ ପତ୍ର ଧରିକରି ସଖାଲର୍ ୮ ବଜେ ମହାନଗର୍ ନିଗମ୍ କାର୍ଯ୍ୟାଳୟ ନ ପୁହୁଁଚିବାର୍‌କେ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଜେଇଇ ପରୀକ୍ଷାଫଳ                                        ଆର୍‌ଏନ୍‌ୟୁ ସମ୍ବଲପୁର

ନେସନାଲ ଟେଷ୍ଟିଂ ଏଜେନ୍ସି-ଏନ୍‌ଟିଏ ପରିଚାଳିତ ଯୁଗ୍ମ ପ୍ରବେଶିକା ମୁଖ୍ୟ ପରୀକ୍ଷା ସିଜନ-୨ର ଫଲାଫଲ ଆଏଜ୍ ବାହାରିବା । ଏନ୍‌ଟିଏର୍ ୱେବସାଇଟ୍ ଜେଇଇ ମେନ୍. ଏନ୍‌ଟିଏ.ଏନ୍‌ଆଇସି. ଇନ୍ ଜରିଏ ଛାତ୍ରଛାତ୍ରୀମାନେ ପରୀକ୍ଷା ଫଲାଫଲ ଜାନିପାର୍‌ବେ ।

ୟୁଜିସି ନେଟ୍ ଆବେଦନ ଆରଏନ୍‌ୟୁ/ସମ୍ବଲପୁର

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ନେଟ୍ ୨୦୨୫ ଲାଗି ଅନଲାଇନ୍ ଆବେଦନ ମୁଲ୍ ହେଇଛେ । ଆଏବା ମେଁ ୭ ତାରିଖ ତକ୍ ଆବେଦନ ପ୍ରକ୍ରିୟା ଚାଲ୍‌ବା । ୮ ତାରିଖ ତକ୍ ଆବେଦନ ଫିଂ’ ଦାଖଲ୍ କର୍‌ବାକେ ପଡବା । ମେଁ ୯ ରୁ ୧୦ ତାରିଖ୍ ଭିତ୍‌ରେ ପ୍ରାର୍ଥୀ/ପ୍ରାର୍ଥୀନୀ ଫର୍ମ ସଂଶୋଧନ୍ କରି ପାର୍‌ବେ । ଆଏବା ଜୁନ୍ ୨୧ ନୁ ୩୦ ତାରିଖ୍ ଭିତ୍‌ରେ ଇ ପରୀକ୍ଷା କର୍‌ବାକେ ଲକ୍ଷ ରଖାଯାଇଛେ ବୋଲି ଜାତୀୟ ପରୀକ୍ଷା ଏଜେନ୍ସି ଏନ୍‌ଟିଏ ତରଫୁ ସୁଚନା ଦିଆଯାଇଛେ ।

ରତ୍ନଭଣ୍ଡାର ଗେଟ୍ ହେବା ସୁନା-ରୁପା ଆରଏନ୍‌ୟୁ/ସମ୍ବଲପୁର

ପୁରୀ ଜଗନ୍ନାଥ ମନ୍ଦିରର ଭିତ୍‌ର ରତ୍ନ ଭଣ୍ଡାର ଗେଟ୍ କେ ସୁନାର୍ ଛାଉଣୀ ଆଉ ବାହାର ରତ୍ନ ଭଣ୍ଡାରର ଗେଟ୍ କେ ରୂପା ଛାଉଣୀ କର୍‌ବାକେ ପ୍ରସ୍ତାବ ରହିଛେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ । ରତ୍ନ ଭଣ୍ଡାର

ମରାମତି ବାବ୍‌ଦେ ସୁଚନା ଦେଇ କରି ଶ୍ରୀ ପାଢ଼ୀ କହିଛନ୍, ସୁନା ଆଉ ରୂପା ଗେଟ୍ ଲାଗି ପ୍ରକ୍ରିୟା ମୂଲ୍ ହେଲାନ ଆଉ ଖୁବ୍ ଜଲ୍‌ଦି କାମ ଆରମ୍ଭ ହେବା । ଭିତର୍ ରତ୍ନ ଭଣ୍ଡାର କାମ ପାଖାପାଖି ସରି ଆଏଲାନ । ବାହାର୍ ରତ୍ନ ଭଣ୍ଡାର କାମ ଚାଲିଛେ ବଲି ଶ୍ରୀ ପାଢ଼ୀ କହିଛନ୍ ।

ରାଜସ୍ୱ ମନ୍ତ୍ରୀଙ୍କ ଲଖନପୁର ଗସ୍ତ ଆରଏନ୍‌ୟୁ/ ସମ୍ବଲପୁର

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ ପୂଜାରୀ ଲଖନପୁର ବ୍ଲକ ନ ଗଲା କାଏଲ୍ ଭିନ୍ ଭିନ୍ ରାସ୍ତାର ପ୍ରକଳ୍ପର ନିହୀ ପକେଇଛନ୍ । ପ୍ରକଳ୍ପ ଭିତ୍‌ରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଥି ୫ କୋଟି ୭୬ ଲାକ୍ଷ ନୁ ଅଏଡ୍ କା ଟଁକାର ଖର୍ଚ୍ଚାଥି ବାଦିମାଲ ନୁ କୁସମେଲ୍ ରାସ୍ତାର ଉନ୍ନତିକରଣ, ଆଉ ୩ କୋଟି ୧୨ ଲାକ୍ଷନୁ ଅଏଦ୍‌କା ଟଁକା ଖର୍ଚ୍ଚା ଥି ୨ ଶହ ନମ୍ବର ରାଜପଥ ଠାନୁ ବଡ଼ଧରା ରାସ୍ତାର ଉନ୍ନତିକରଣ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ନୁ ୨ କୋଟି ୭ ଲକ୍ଷ ଟଙ୍କା ଖର୍ଚ୍ଚା ଥି ଏନ୍‌ଏଚ୍ ୨୦୦ ନୁ ଜାମଗାଁ ରାସ୍ତାର ଉନ୍ନତିକରଣ ବାଗିର୍ ପ୍ରକଳ୍ପ ରହିଛେ ।

ପଂଚାୟତିରାଜ ସଚିବଙ୍କର ଗସ୍ତ

(ସୁବର୍ଣ୍ଣପୁର ସମ୍ବାଦଦାତା)

ପଂଚାୟତି ରାଜ୍ ଆଉ ପାନୀୟ ଜଳ ବିଭାଗ୍‌ର ସ୍ୱତନ୍ତ୍ର ସଚିବ ଆଉ ସୁବର୍ଣ୍ଣପୁର ଜିଲ୍ଲା ନୋଡାଲ୍ ସଚିବ ସୌଦାମିନୀ ସେଠୀ ଜିଲ୍ଲା ନ ଚାଲିଥିବା ବିଭାଗର ଭିନ୍ ଭିନ୍ ଯୋଜନା ଆଉ ପ୍ରକଳ୍ପର କାର୍ଯ୍ୟକାରିତାର୍ କ୍ଷେତ୍ର ପରିଦର୍ଶନ କରିଛନ୍ । ଇ ଅବସରେ ଶ୍ରୀମତୀ ସେଠୀ ସୋନପୁର ବ୍ଲକ ବାବୁପାଲି ଠାନେ ବନ ସୁରକ୍ଷା ସମିତି ଗୃହ, ଏସ୍ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ଚାଲିଥିବା ଜାଆଁଲା କେନ୍ଦ୍ର, ଧଉଁରାଖମନ ଠାରେ ବ୍ୟାଙ୍କ ସୁବିଧା କେନ୍ଦ୍ର ଆଉ ଭିନ୍‌ଭିନ୍ ଅଙ୍ଗେନବାଡ଼ି କେନ୍ଦ୍ର ବୁଲିକରି ସରକାରୀ ଯୋଜନାମାନଙ୍କର ସମୀକ୍ଷା କରିଛନ୍ । ସେନ୍ତା ତର୍‌ଭା ବ୍ଲକ ସାଇଦୁଲୀ ଗାଁ ନ ଗୋଷ୍ଠୀ ଶୌଚାଳୟ କାମ୍, ଡୁଙ୍ଗୁରୀପାଲି ବ୍ଲକ ରାମପୁର ଠାନେ ଆବାସ ଯୋଜନାର୍ ତଦାରଖ୍ କରିଛନ୍ ।

ସମ୍ବଲପୁର ସିଆରପିଏଫ୍ କେନ୍ଦ୍ର ପୁରସ୍କୃତ

ଆରଏନ୍‌ୟୁ/ ସମ୍ବଲପୁର

ମଧ୍ୟପ୍ରଦେଶ ନ ହେଇଥିବା ସେନଟ୍ରାଲ୍ ରିଜଭ୍ ପୁଲିସ୍ ଫୋର୍ସର ଥାପନା ଦିବସ ପରେଡ୍ ଥି ସମ୍ବଲପୁର ସିଆର୍‌ପିଏଫ୍ ଗ୍ରୁପ୍ ସେନ୍‌ଟରକେ ଏକ ନମ୍ବର ଗ୍ରୁପ୍ ଭାବେ ପୁରସ୍କୃତ୍ କରାଯାଇଛେ । କାର୍ଯ୍ୟକ୍ରମ ଥି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ସାହା ମୁଖ୍ୟଅତିଥି ଭାବେ ଯୋଗ ଦେଇକରି ସମ୍ବଲପୁର କେନ୍ଦ୍ର କେ ଟ୍ରଫି ପ୍ରଦାନ କରିଥିଲେ ।

କଲିଙ୍ଗ ସୁପର୍‌କପ୍ ଫୁଟବଲ୍ I&PR

ଦେଶର ବଛାବଛା ୧୫ ଟା ଫୁଟ୍‌ବଲ୍ ଦଲକେ ନେଇକରି ଆଏବା କାଏଲ୍ ଠାନୁ ଭୁବନେଶ୍ୱର କଲିଙ୍ଗଷ୍ଟାଡିୟମ ଠାନେ କଲିଙ୍ଗ ସୁପର୍ କପ୍ -୨୦୨୫ ଟୁର୍ଣ୍ଣାମେଂଟ ମୂଲ୍ ହେବା । ରାଜ୍ୟ କ୍ରୀଡ଼ା ବିଭାଗ ଆଉ ସର୍ବଭାରତୀୟ ଫୁଟବଲ୍ ସଂଘ ମିଳିତ୍ ସହଯୋଗ ଥି ହେବାର କେ ଥିବା ଟୁର୍ଣ୍ଣାମେଂଟ୍ ଥି ଆଇଏସଏଲ୍‌ର ୧୩ ଟା ଆଉ ଆଇ-ଲିଗ୍ ର ୨ଟା ଦଳ ଭାଗ ନେଉଛନ୍ । ଟୁର୍ଣ୍ଣାମେଂଟ୍ ମେ ୩ ତାରିଖ ତକ୍ ଚାଲବା । ମେଚ୍ ଖେଲ୍‌ବାର ଲାଗି ଫୁଟବଲ୍

ଟିମ୍‌ମାନେ ଆଏଜ୍ ଓଡ଼ିଶା ପୁହୁଁଚିବେ ବୋଲି କର୍ତ୍ତୃପକ୍ଷଙ୍କ ତରଫୁ ସୁଚନା ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ ସମ୍ବଲପୁର

କାଲବୈଶାଖୀ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗାନ ଧୁକା ଗର୍‌ଡି ସଙ୍ଗେ ବର୍ଷା ଲାଗି ରହିଛେ । ରାଜ୍ୟର ସମୁଦ୍ରଖଣି ଇଲାକା ସହେତେ ବହୁତ୍ ଜିଲ୍ଲାନ୍ ଗଲା କାଏଲ୍ ଜବର୍ ଧୁକାଗର୍ଡି ଆଉ ବର୍ଷା ହେଇଛେ । ଭିନ୍‌ଭିନ୍ ଜାଗା ନ ଘର ଭାଙ୍ଗି କରି ଗଛ୍ ଉପୁଡି ପଡିଛେ । ଚଡ଼କ୍ ମାରିକରି ପୁରୀ ଜିଲ୍ଲାନୁ ଝନେ୍‌କର ଜୀବନ୍ ଯାଇଥିବା ବେଲେ ବାଲେଶ୍ୱର ଜିଲ୍ଲାନୁ ଝନେ ଆଉ ମୟୁରଭଞ୍ଜ ଜିଲ୍ଲା ନୁ ଝନେ୍ କର ଜୀବନ୍ ଯାଇଛେ । ଆଉ ଦୁଇଦିନ୍ ତକ୍ ପାଗ୍ ଏନ୍ତା ଲାଗି ରହେବା । ମାତ୍‌ରକ ପର୍ଶ୍ଚିମ ଓଡ଼ିଶାନୁ ଖରା ଗରମ୍ ସାଙ୍ଗେ ତାତି ବଢ଼ବାରେ ଲାଗିଛେ । ଆଏବା ୩ - ୪ ଦିନ୍ ତକ୍ ପାଗ୍ ଏନ୍ତା ଲାଗି ରହେବା ବଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତରଫୁ ଅନୁମାନ କରାଯାଇଛେ ।